بِسۡمِ اللّٰہِ الرَّحۡمٰنِ الرَّحِیۡمِ

୨୭ ଡ଼ିସେମ୍ବର ୨୦୨୪ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ଼୍

## ଯୁଦ୍ଧ ଓ ସରିୟାର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ପବିତ୍ର ଜୀବନୀର ବର୍ଣ୍ଣନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

**ତଶହୁଦ୍, ତଉଜ୍ ଓ ସୁରାଃ ଫାତିହା ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର**ଅ.ବ **କହିଲେ; ଆଜି ମଧ୍ୟ କେତେକ** ସରିୟାର **ଚର୍ଚ୍ଚା କରିବି । ଇତିହାସ ପୃଷ୍ଠାରେ ଗୋଟିଏ** ସରିୟାର **ବର୍ଣ୍ଣନା ଉଲ୍ଲେଖ ରହିଛି, ଯାହାକୁ** ସରିୟା **ଜୈଦ୍ ବିନ୍ ହାର୍‌ସା କୁହାଯାଏ । ଉକ୍ତ** ସରିୟା **(ଯେଉଁ ଯୁଦ୍ଧରେ ହଜରତ ମୁହମ୍ମଦ ମୁସ୍ତଫା**ସ.ଅ **ସାମିଲ ହୋଇ ନଥିଲେ) ଜମାଦିଲ୍ ଆଖିର୍ ୬ହିଜ୍‌ରୀରେ ବନୁ ଜୟାମ୍‌ର ଏକ ସହର ହସ୍‌ମା ସ୍ଥାନରେ ସଙ୍ଘଟିତ ହୋଇଥିଲା । ଯାହାକି ମଦିନା ଠାରୁ ଆଠ ରାତି (ଯାତ୍ରା କରିବା)ର ଦୂରତାରେ ଅବସ୍ଥିତ ଥିଲା ।**

**ହଜରତ ମିର୍ଜା ବଶିର ଅହେମଦ ସାହେବ**ର.ଅ **କୁହନ୍ତି; ଉକ୍ତ** ସରିୟାର **ଇତିହାସ ସଂକ୍ରାନ୍ତରେ (କେତେକ) ଜଟିଳତା ରହିଛି, ଯାହାର ଆଲୋଚନା କରିବା ଜରୁରୀ । ଇବ୍‌ନେ ସାଦ୍ ଓ ତାଙ୍କ ଅନୁଗାମୀଙ୍କ ମଧ୍ୟରେ ଅନ୍ୟାନ୍ୟ ପର୍ଯ୍ୟଟକଙ୍କ କହିବାନୁଯାୟୀ ଉକ୍ତ** ସରିୟା **ଜମାଦିଲ୍ ଆଖିର୍ ୬ହିଜ୍‌ରୀରେ ସଙ୍ଘଟିତ ହୋଇଥିଲା ଏବଂ ସେମାନେ ତାହାକୁ ସଠିକ୍ ଦର୍ଶାଇଛନ୍ତି । କିନ୍ତୁ** ଅଲ୍ଲାମା **(ପଣ୍ଡିତ) ଇବ୍‌ନେ କୟିମା "ଜାଦୁଲ୍ ମିଆଦ୍" ପୁସ୍ତକରେ ବ୍ୟାଖ୍ୟା କରିଛନ୍ତି ଯେ, ଉକ୍ତ** ସରିୟା **୭ହିଜ୍‌ରୀରେ** ସୁଲ୍‌ହା ହୁଦେବିୟା **ପରେ ହୋଇଥିଲା । ଏହି ବିନୀତ ମତରେ ଏହାର ଗୋଟିଏ ଦିଗକୁ ଇବ୍‌ନେ କୟିମା ଅଣଦେଖା କରିଦେଇଛନ୍ତି ଏବଂ ତାହା ଏହିକି ଯେ, ସମ୍ଭବତଃ ରୋମ ସହିତ** ସାକ୍ଷାତ କରିବାକୁ ଦିହ୍‌ୟା ଦୁଇଥର ସିରିୟା ଗମନ କରିଥିଲେ । **ପ୍ରଥମ ଥର** ସୁଲ୍‌ହା ହୁଦେବିୟା ପୂର୍ବରୁ ବ୍ୟବସାୟ କାରିବା ଉଦ୍ଦେଶ୍ୟରେ ଯାତ୍ରା କରିଥିଲେ ଏବଂ ସେଠାରେ ରୋମ (ସମ୍ରାଟ) ସହିତ ସାକ୍ଷାତ ମଧ୍ୟ କରିଥିଲେ । **ଦ୍ୱିତୀୟ ଥର** ସୁଲ୍‌ହା ହୁଦେବିୟା ପରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ପତ୍ର ନେଇ ଯାତ୍ରା କରିଥିଲେ । ଏହି କଥନର ସମର୍ଥନ ଏଥିରୁ ମଧ୍ୟ ହେଉଅଛି ଯେ, ଇବ୍‌ନେ ଇସହାକ୍ ଉଲ୍ଲେଖ କରିଛନ୍ତି, ପ୍ରଥମ ଥର ଯାତ୍ରାରେ ଦିହ୍‌ୟାଙ୍କ ନିକଟରେ ବ୍ୟବସାୟ ସାମଗ୍ରୀ ରହିଥିଲା ଏବଂ ସୁଲ୍‌ହା ହୁଦେବିୟା ପରେ ଅର୍ଥାତ ଦ୍ୱିତୀୟ ଥର ଯାତ୍ରାରେ ତାହା (ବ୍ୟବସାୟ ସାମଗ୍ରୀ) ଥିବାର ଦୃଷ୍ଟିଗୋଚର ହେଉ ନାହିଁ । ଏହା ମଧ୍ୟ ସମ୍ଭବ ଯେ, ଦିହ୍‌ୟାଙ୍କର ଉକ୍ତ ଯାତ୍ରା କାରବାର ଉଦ୍ଦେଶ୍ୟରେ ହୋଇଥିବ ଏବଂ ଇବ୍‌ନେ ସାଦ୍‌ଙ୍କର ବର୍ଣ୍ଣନାକାରୀ ତାହାକୁ ଦ୍ୱିତୀୟ ଯାତ୍ରା ସହିତ ମିଶ୍ରିତ କରି ରୋମ (ସମ୍ରାଟ) ସହିତ ସାକ୍ଷାତ କରିବାକୁ ନିଜ ଆଡୁ ସାମିଲ କରିଦେଇଥିବେ । ତେବେ ଅଲ୍ଲାଃ ହିଁ ସର୍ବଜ୍ଞ !

ପୁନଶ୍ଚ ସରିୟା ଅବ୍ଦୁର୍ ରହେମାନ ବିନ୍ ଅଔଫ୍ ର.ଅଙ୍କର ଚର୍ଚ୍ଚା ଉଲ୍ଲେଖ ରହିଛି । ଉକ୍ତ ସରିୟା ସାବାନ୍ ମାସ ୬ ହିଜ୍‌ରୀରେ ଜୋମତୁଲ୍ ଜନ୍ଦଲ୍ ପାର୍ଶ୍ୱରେ ଘଟିଥିଲା । ଏହାର ବ୍ୟାଖ୍ୟା ହଜରତ ମିର୍ଜା ବଶିର ଅହେମଦ ସାହେବ ଏପରି ରଚନା କରିଛନ୍ତି । ଉକ୍ତ ସରିୟାର ପ୍ରସ୍ତୁତି ଓ ପ୍ରସ୍ଥାନ ସଂକ୍ରାନ୍ତରେ ଇବ୍‌ନେ ଇସହାକ୍ ହଜରତ ଅବ୍ଦୁଲ୍ଲାଃ ବିନ୍ ଉମର୍ ର.ଅଙ୍କ ଠାରୁ ଏହି ରୋଚକପୂର୍ଣ୍ଣ ତଥ୍ୟ ନକଲ କରିଛନ୍ତି ଯେ, ଏକଦା ଆମେ କିଛି ଲୋକ ଯେଉଁମାନଙ୍କ ମଧ୍ୟରେ ହଜରତ ଅବୁବକର୍ର.ଅ, ହଜରତ ଉମର୍ର.ଅ, ହଜରତ ଉସମାନ୍ର.ଅ, ହଜରତ ଅଲୀର.ଅ ଓ ହଜରତ ଅବ୍ଦୁର୍ ରହେମାନ ବିନ୍ ଅଔଫ୍ର.ଅ ମଧ୍ୟ ସାମିଲ ଥିଲେ । ପୁଣ୍ୟଶ୍ଳୋକଙ୍କ ସେବାରେ ବିରାଜିତ ଥିଲୁ ଯେ, ଇତିମଧ୍ୟରେ ଜଣେ ଅନ୍‌ସାରୀ ଯୁବକ ହାଜର୍ ହୋଇ ପଚାରିଲେ ହେ ଅଲ୍ଲାଃଙ୍କ ରସୁଲସ.ଅ ! ସବୁଠାରୁ ଅଧିକ ଧର୍ମନିଷ୍ଠ କିଏ ?

ମହାଭାଗ ଉତ୍ତର ଦେଲେ– ସେ ଯେ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବାରେ ଶ୍ରେଷ୍ଠ । ପୁନଶ୍ଚ ସେହି ସାହାବୀ ଜଣକ ପଚାରିଲେ; ହେ ଅଲ୍ଲାହ୍ଙ୍କ ରସୁଲ[ସ.ଅ] ! ସବୁଠାରୁ ଅଧିକ ଧର୍ମନିଷ୍ଠ କିଏ ? ମହାଭାଗ ଉତ୍ତର ଦେଲେ, **ସେ ଯେ ମୃତ୍ୟୁକୁ ଅଧିକ ସ୍ମରଣ ରଖିଥାଏ ଏବଂ ସେଥିପାଇଁ ସମୟ ପୂର୍ବରୁ ତାହାର ପ୍ରସ୍ତୁତି ମଧ୍ୟ କରେ ।** ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; (ମନେରଖ) ପ୍ରସ୍ତୁତି କରିବା ଏହିକି ଯେ ଈଶ୍ୱରଙ୍କୁ ଭୟ କରିବା, ତାଙ୍କର କର୍ତ୍ତବ୍ୟ ସମ୍ପାଦନ କରିବା ଓ ତାଙ୍କ ନିର୍ଦ୍ଦେଶାନୁଯାୟୀ କାର୍ଯ୍ୟ କରିବା, ଏହା ହିଁ ମୃତ୍ୟୁର ପ୍ରସ୍ତୁତି । ଏଥିରେ ସମ୍ପୃକ୍ତ ବ୍ୟକ୍ତି ଜଣକ ନିରବ ହୋଇଗଲେ । ସେଥିଅନ୍ତେ ଆପଣ ଆମକୁ ସମ୍ବୋଧନ କରି କହିଲେ; ହେ ପ୍ରବାସକାରୀଙ୍କ ଦଳ ! ପାଞ୍ଚ ଗୋଟି ଅପକର୍ମ ଏପରି ରହିଛି, ଯେଉଁଥିରୁ ମୁଁ ରକ୍ଷା ପାଇବା ନିମନ୍ତେ ପ୍ରଭୁଙ୍କ ଶରଣାଗତ ହେଉଅଛି । ତାହା କଦାପି ମୋ ସମ୍ପ୍ରଦାୟରେ ଉତ୍ପନ୍ନ ନହେଉ । କାରଣ ତାହା ଯେଉଁ ସମ୍ପ୍ରଦାୟରେ ସାମାନ୍ୟ ମାତ୍ରାରେ ଉତ୍ପନ୍ନ ହୋଇଯାଏ ତେବେ ତାହା ତାକୁ ଧ୍ୱଂସ ମୁଖକୁ ଟାଣିନେଇ ଯାଇଥାଏ । ତେବେ ସେଗୁଡ଼ିକ ଯଥାକ୍ରମେ–

**ପ୍ରଥମତଃ** କଦାପି କୌଣସି ସମ୍ପ୍ରଦାୟରେ କୁକର୍ମ ଓ ଦୁରାଚାର ପରିବ୍ୟାପ୍ତ ହୋଇ ନଥାଏ ଏପର୍ଯ୍ୟନ୍ତ କି ସେଗୁଡ଼ିକ ସେମାନେ ସର୍ବସାଧାରଣଙ୍କ ସମ୍ମୁଖରେ କରିବା ଆରମ୍ଭ କରିଦିଅନ୍ତି । ଯାହା ପରିଣାମରେ ଏପରି ବ୍ୟାଧି ଓ ମହାମାରୀ ଫୁଟିବା ଆରମ୍ଭ ହୋଇ ନଯାଉ, ଯାହାର ଲକ୍ଷଣ (ତୁମ) ପୂର୍ବଜମାନଙ୍କ ଠାରେ କଦାପି ପ୍ରକାଶ ପାଇ ନଥିଲା । ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଆଜିକାଲି ଜଗତରେ ତ ଆମେମାନେ ପ୍ରାୟ ଏହା ସର୍ବତ୍ର ପରିଲକ୍ଷିତ କରୁଅଛେ । ଆଉ ଏହିଥିରୁ ନବୀଶିରୋମଣୀ ଅଲ୍ଲାହ୍ଙ୍କ ଶରଣ ଭିକ୍ଷା କରିଥିଲେ । ଏଥିପ୍ରତି ମୁସଲମାନମାନଙ୍କୁ ବିଶେଷ ଭାବରେ ଧ୍ୟାନ ଦେବା ଉଚିତ୍ । **ଦ୍ୱିତୀୟତଃ** କଦାପି କୌଣସି ଗୋଷ୍ଠୀରେ ଓଜନ ଓ ମାପ କରିବାରେ ବିଶ୍ୱାସଘାତ କରିବା ମନ୍ଦାଭ୍ୟାସ ଉତ୍ପନ୍ନ ହୋଇ ନାହିଁ କିନ୍ତୁ ତାହାର ପରିଣାମ ସ୍ୱରୂପ ଉକ୍ତ ଗୋଷ୍ଠୀ ଉପରେ ମରୁଡ଼ି, ପରିଶ୍ରମ, କଠୋରତା ଓ ହାକିମଙ୍କ ଅନ୍ୟାୟ ଅତ୍ୟାଚାର ମୂଳକ ବିପତ୍ତି ଅବତୀର୍ଣ୍ଣ ହୋଇ ନଥିବ । ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଏଥିପ୍ରତି ମଧ୍ୟ ଗଭୀର ମନୋଯୋଗ କରିବାର ଆବଶ୍ୟକତା ରହିଛି । ମୁସଲମାନମାନଙ୍କ ମଧ୍ୟରେ ଅନେକ ବିଶ୍ୱାସଘାତକତା ଓ ଠକାମୀ ପ୍ରବୃତ୍ତି ଉତ୍ପନ୍ନ ହୋଇଗଲାଣି । ମୁସଲମାନମାନେ ଏକଥା ହୃଦୟଙ୍ଗମ କରନ୍ତେ କି ! ଏବଂ ଅହେମଦିମାନମାନଙ୍କୁ ମଧ୍ୟ ଏଥି ପ୍ରତି ବିଶେଷ ଭାବରେ ଚିନ୍ତନ ଓ ମନ୍ଥନ କରିବା ଉଚିତ୍ । **ତୃତୀୟତଃ** କଦାପି କୌଣସି ସମ୍ପ୍ରଦାୟ ଜକାତ୍ ଓ ଶଦ୍କା (ଦାନ ଓ ଦକ୍ଷିଣା) କରିବାରେ ଅଳସୁଆମି ଓ ଅବହେଳା ଅବଲମ୍ବନ କରି ନାହାନ୍ତି ଏପର୍ଯ୍ୟନ୍ତ କି ତାହାର ପରିଣାମ ସ୍ୱରୂପ ସେମାନଙ୍କ ଉପରେ ମେଘ ବର୍ଷା ହେବା ହ୍ରାସ ଘଟି ନଥିବ । ଏପରି କି ଯଦି ପରମେଶ୍ୱରଙ୍କୁ ନିଜ ସୃଷ୍ଟଜ ଜୀବଯନ୍ତୁ ଓ ଗାଈ ମଇଁଷିମାନଙ୍କର ଧ୍ୟାନ ନଥାନ୍ତା ତେବେ ଏପରି ସମ୍ପ୍ରଦାୟ ଉପରେ ମେଘ ବର୍ଷା ହେବା ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇ ଯାଇଥାନ୍ତା । ହୁଜୁର ଅନଓ୍ୱର[ଅ.ବ] କହିଲେ; ଏହା ମଧ୍ୟ ଅଲ୍ଲାହ୍ଙ୍କ କୋପର ନିଦର୍ଶନ, ଏଥିରୁ ମଧ୍ୟ ଈଶ୍ୱରଙ୍କ ଶରଣ ଭିକ୍ଷା କରାଯାଇଛି । ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] କହିଲେ; ଅଲ୍ଲାହ୍ଙ୍କ ଶରଣ ଭିକ୍ଷା କର, ମୁଁ ମଧ୍ୟ ତାଙ୍କରି ଶରଣାପନ୍ନ ହେଉଅଛି ।

**ଚତୁର୍ଥ** ଏହିକି ଯେ, କଦାପି କୌଣସି ଗୋଷ୍ଠୀ ପ୍ରଭୁ ଓ ତାଙ୍କ ଅବତାରଙ୍କ ପ୍ରତିଜ୍ଞା ଭଙ୍ଗ କରି ନାହାନ୍ତି ଏପର୍ଯ୍ୟନ୍ତ କି ସେମାନଙ୍କ ଉପରେ କୌଣସି ଅଣସମ୍ପ୍ରଦାୟ ତାଙ୍କ ଶତ୍ରୁମାନଙ୍କ ମଧ୍ୟରୁ ଆଧିପତ୍ୟ ଲାଭ କରି ନେଇଥିବ । ଯିଏକି ସେମାନଙ୍କ ଅଧିକାର ଆତ୍ମସାତ କରିଚାଲିବ । ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଆଜିକାଲି ମୁସଲମାନମାନଙ୍କର ଅବସ୍ଥା ଯାହା, ସେଥିରୁ ଏହା ପ୍ରତିତ ହେଉଛି ଯେପରି ଏମାନେ ନିଜ ପ୍ରତିଜ୍ଞା ଭଙ୍ଗ କରୁଛନ୍ତି । ଅଲ୍ଲାହ୍‌ତାଲା ଏମାନଙ୍କ ଉପରେ ଦୟା କରନ୍ତୁ ଏବଂ ତାଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ । **ପଞ୍ଚମ** କଦାପି କୌଣସି ଧର୍ମଗୁରୁ ଓ ଇମାମ୍‌ମାନେ ଧର୍ମବିଧାନ ବିରୁଦ୍ଧିୟ ନିଷ୍ପତ୍ତି ଦେଇ ଶରିଅତ୍‌କୁ ନିଜ ଇଚ୍ଛାନୁଯାୟୀ ପରିବର୍ତ୍ତନ କରି ନଥିଲେ ଯେ, ସେମାନଙ୍କ ମଧ୍ୟରେ ଅଭ୍ୟନ୍ତରୀଣ ବିଭ୍ରାଟ, କଳହ ଓ ମନମାଳିନ୍ୟ ଆଦି ପ୍ରସଙ୍ଗ କ୍ରମାଗତ ଭାବରେ ଆରମ୍ଭ ହୋଇଗଲା । ହୁଜୁର ଅନଓ୍ୱର[ଅ.ବ] କହିଲେ; ଏହା ମଧ୍ୟ ମୁସଲମାନମାନଙ୍କ ଗୋଷ୍ଠୀଗତ ପାର୍ଥକ୍ୟତାରେ ସାମାନ୍ୟ ହେବା ମଧ୍ୟ ଦୃଶ୍ୟମାନ ହେଉଅଛି । ଯେଉଁ କାର୍ଯ୍ୟରୁ ନବୀଶ୍ରେଷ୍ଠ ଅଲ୍ଲାହ୍ଙ୍କ ଶରଣ ଭିକ୍ଷା କରିଥିଲେ । ତାହା ହିଁ ଆଜି ଆମେ ମୁସଲମାନମାନଙ୍କ ମଧ୍ୟରେ

ଅବଲୋକନ କରୁଅଛୁ, ଅଲ୍ଲାଃତାଲା କୃପାବତୀର୍ଣ୍ଣ କରନ୍ତୁ । ମହାଭାଗଙ୍କର ଏହି ମହତପୂର୍ଣ୍ଣ ହିତଉପଦେଶ ଜାତିର ଉନ୍ନତି ଓ ଅବନତିର କାରଣ ହେବାର ସର୍ବୋତ୍ତମ ଆଲୋଚ୍ୟ ଯୋଗ୍ୟ ବିଷୟ ଏବଂ ଯଦି ମୁସଲମାନମାନେ ଇଚ୍ଛା କରନ୍ତି ତେବେ ତାଙ୍କ ପାଇଁ ଚଳିତ ଯୁଗର ଅବସ୍ଥା ମଧ୍ୟ ସର୍ବୋତ୍ତମ ଶିକ୍ଷଣୀୟ ବିଷୟ ସାବ୍ୟସ୍ତ ହେବ । ମୁସଲମାନମାନେ ଏଥିପ୍ରତି ଧ୍ୟାନପୂର୍ବକ ଚିନ୍ତନ କରନ୍ତେ କି !

ପୁନଶ୍ଚ ସରିୟା ଅଲୀ ଇବ୍‌ନେ ଅବି ତାଲିବ୍[ର.ଅ] ଯେ ଫୁଦକ୍ (ଅଞ୍ଚଳ) ଆଡ଼କୁ ଯାତ୍ରା କରିଥିଲେ, ତାହାର ବର୍ଣ୍ଣନା ରହିଛି । ଏହି ସରିୟା ଶାବାନ୍ ୬ହିଜ୍‌ରୀରେ ସଙ୍ଘଟିତ ହୋଇଥିଲା । ହୁଜୁର[ସ.ଅ] ହଜରତ ଅଲୀ [ର.ଅ]ଙ୍କୁ ୧୦୦ଜଣ ମୁସଲମାନଙ୍କ ସମେତ ଫୁଦକ୍ ଅଞ୍ଚଳର ବନୁ ସାଦ୍ ବିନ୍ ବକର୍ ଅଭିମୁଖେ ପ୍ରେରଣ କରିଥିଲେ । ୭ହିଜ୍‌ରୀରେ ଖୈବର୍ ଯୁଦ୍ଧ ଅବସରରେ ମୁସଲମାନମାନେ ବିନା ଯୁଦ୍ଧ କରି ଉକ୍ତ ଅଞ୍ଚଳକୁ ନିଜ ଅଧୀନ କରି ନେଇଥିଲେ ।

ସେଥିଅନ୍ତେ ସରିୟା ହଜରତ ଅବୁବକର୍ [ର.ଅ]ର ଚର୍ଚ୍ଚା ଉଲ୍ଲେଖ ରହିଛି । ଯାହାକି ବନୁ ଫୁଜାରାଃ ଅଭିମୁଖେ ଥିଲା । ଏହି ସରିୟା ଶାବାନ୍ ମାସ ୬ହିଜ୍‌ରୀରେ ସଙ୍ଘଟିତ ହୋଇଥିଲା । ବନୁ ଫୁଜାରାଃ (କବିଲା) ନଜ୍‌ଦରେ ଅବସ୍ଥିତ କୁରା (ଅଞ୍ଚଳ) ପାଦଶେଷରେ ବସବାସ କରୁଥିଲେ । ତବ୍‌କାତୁଲ୍ କୁବ୍‌ରା ଓ ଇବ୍‌ନେ ହିଶାମ୍‌ର ଜୀବନୀରେ ଉଲ୍ଲେଖ ରହିଛି, ଯେ ଏହି ସରିୟା ହଜରତ ଜୈଦ୍ ବିନ୍ ହାର୍‌ସା [ର.ଅ]ଙ୍କ ନେତୃତ୍ୱରେ ପ୍ରେରଣ କରାଯାଇଥିଲା । କିନ୍ତୁ ସହି ମୁସଲିମ୍ ଓ ସୁନନେ ଅବି ଦାଉଦ୍‌ରୁ ଜ୍ଞାତ ହେଉଛି ମହାଭାଗ ହଜରତ ଅବୁବକର୍ [ର.ଅ]ଙ୍କୁ ଏହି ସରିୟାର ଅମିର୍ (ଅଧକ୍ଷ) କରି ପ୍ରେରଣ କରିଥିଲେ । ଏହି ସରିୟାରେ ମୁସଲମାନମାନଙ୍କ ଶ୍ଳୋଗାନ ଅମିତ୍ ଅମିତ୍ ଥିଲା । ହଜରତ ସଲ୍‌ମା ବିନ୍ ଅକୁ ବର୍ଣ୍ଣନା କରନ୍ତି ଯେ, ମୁଁ ସେହିଦିନ ସ୍ୱହସ୍ତରେ ସାତଜଣ ଅମାନ୍ୟକାରୀଙ୍କୁ ନିହତ କରିଥିଲି । ଆଉ ଏକ ବର୍ଣ୍ଣନାରେ ସେ ୯ଜଣ ଅମାନ୍ୟକାରୀଙ୍କୁ ନିହତ କରିଥିବାର ଉଲ୍ଲେଖ ରହିଛି ।

ପରିଶେଷରେ ହୁଜୁର ଅନଓ୍ୱର[ଅ.ବ] ତିନିଜଣ ମୃତକଙ୍କର ବିସ୍ତୃତ ଜୀବନୀ ଚର୍ଚ୍ଚା କଲେ । ସେମାନଙ୍କ ମଧ୍ୟରେ ସର୍ବପ୍ରଥମ ଶ୍ରୀମାନ ତୈୟବ୍ ଅହେମଦ ସାହେବ ବଙ୍ଗାଳୀଙ୍କର ରହିଛି, ଯେ କି କାଦିୟାନର ଦରବେଶ୍ ଥିଲେ । ଡ଼ିସେମ୍ବର ମାସ ୧୧ତାରିଖ ଦିନ ୯୭ବର୍ଷ ବୟସରେ ତାଙ୍କର ଦେହାନ୍ତ ଘଟିଲା । ଇନ୍ନାଲିଲ୍ଲାହି ଓ ଇନ୍ନା ଇଲୈହି ରାଜେଉନ୍ । ତାଙ୍କର ଜନ୍ମ ବଙ୍ଗଳାଦେଶରେ ହୋଇଥିଲା । ୧୯୪୨ମସିହାରେ ଆପଣ ପାରମ୍ପରିକ ରୂପେ ବଙ୍ଗଳାଦେଶର (ରାଜଧାନୀ) ଢ଼ାକା ଠାରେ ବୈଅତ୍ ଫର୍ମ ପୂରଣ କରି ଜମାଅତ୍‌ରେ ଅନ୍ତର୍ଭୁକ୍ତ ହେବାର ସୌଭାଗ୍ୟ ଲାଭ ହୋଇଥିଲା । ୧୯୪୫ମସିହାରେ ସେ ପ୍ରଥମ ଥର କାଦିୟାନ୍ ଜଲ୍‌ସାରେ ଯୋଗ ଦେଇଥିଲେ । ଆଉ ସେତେବେଳେ ହଜରତ ମୁସଲେହ୍ ମଉଦ [ର.ଅ]ଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ଅର୍ଜନ କଲେ । ତହୁଁପରେ କାଦିୟାନ୍ ସହିତ ତାଙ୍କ ହୃଦୟରେ ଏପରି ପ୍ରେମ ଓ ଅନୁରାଗ ପୂର୍ଣ୍ଣଭାବ ଉତ୍ପନ୍ନ ହୋଇଗଲା ଯେ, ତା'ପରେ ସେ ଆଉ ସ୍ୱଦେଶ ଫେରିଲେ ନାହିଁ । ଆପଣ ଦୁଇବର୍ଷିୟ ଗ୍ରାମ୍ୟ ମୁବଲିଗ୍‌ର ବିଶେଷ କ୍ଳାସ (ପାଠ୍ୟକ୍ରମ ଶିକ୍ଷା) ହାସଲ କଲେ । ଇତ୍ୟାବସରରେ ୧୯୪୭ମସିହାରେ ଦେଶ ବିଭାଜନର ଘଟଣା ଘଟିଲା । ସେତେବେଳେ ଆପଣ କାଦିୟାନ୍‌ରେ ଅବସ୍ଥାନ କରିବାର ନିବେଦନ କଲେ ଯାହାକୁ (ହୁଜୁର) ସ୍ୱୀକୃତ କରିନେଲେ । ଦରବେଶୀ କାଳରେ ତାଙ୍କୁ ଅନେକ ସ୍ଥାନରେ ସୁରକ୍ଷା ମୂଳକ ଡ଼ିଉଟି ଦେବାର ଅବସର ମିଳିଥିଲା । ସଦର ଅଞ୍ଜୁମନ୍ ଅହେମଦିୟା କାଦିୟାନ୍‌ର ବିଭିନ୍ନ କାର୍ଯ୍ୟାଳୟରେ ବିଭିନ୍ନ ସେବା କରିବାର ସାମର୍ଥ୍ୟ ଲାଭ ହୋଇଥିଲା । ୧୯୫୫/୫୬ ମସିହାରେ ଜମାଅତ୍‌ର ଆର୍ଥିକ ସ୍ଥିତି ଅତି ଦୁର୍ବଳ ରହିଥିଲା । ସଦର ଅଞ୍ଜୁମନ୍ ଅହେମଦିୟା କାଦିୟାନ୍ ଏହି ଘୋଷଣା କଲା ଯେ, ଯେଉଁ ଦରବେଶ୍‌ମାନେ କୌଣସି ପ୍ରକାର ପରିଶ୍ରମ କରି ରୋଜଗାର କରିବା ପାଇଁ ସମର୍ଥ, ତାଙ୍କୁ ରୋଜଗାର କରି ନିଜର ଗୁଜୁରାଣ ମେଣ୍ଟାଇବା ଉଚିତ୍ । କାରଣ ଏବେ ଜମାଅତ ଆଲାଉନସ୍ ଦେବା ପାଇଁ ସକ୍ଷମ ନୁହେଁ । ସମ୍ପ୍ରତି ଜମାଅତ ତାଙ୍କର ଆର୍ଥିକ ଖର୍ଚ୍ଚ ବହନ କରିପାରିବ ନାହିଁ । ଏହି ନିର୍ଦ୍ଦେଶାବଳୀ ଆଲୋକରେ ସେ ଦାରୁଲ୍ ମସିହ୍ ବାହାରେ ରହିଥିବା ବଜାରରେ ଏକ ଚା' ଦୋକାନ ଖୋଲି ଦେଲେ ଏବଂ ଅଧିକାଂଶ ସମୟରେ

ସେ ଗରିବ ଓ ଅତିଥିମାନଙ୍କୁ ମାଗଣାରେ ଚା’ ପ୍ରଦାନ କରି ଦେଉଥିଲେ ।

ତାଙ୍କର ବିବାହ କେରଳ ରାଜ୍ୟର ଏକ ତଲାକ୍ ପ୍ରାପ୍ତ ମହିଳା ଶ୍ରୀମତି ଆମନାଃ ସାହେବାଙ୍କ ସହିତ ହୋଇଥିଲା । ପୂର୍ବରୁ ତାଙ୍କର ଏକ କନ୍ୟା ସନ୍ତାନ ଥିଲେ । ସେହି କନ୍ୟାଙ୍କୁ ସେ ପାଳନପୋଷଣ କଲେ, କିଛି କାଳ ପୂର୍ବେ ତାଙ୍କ ଆଣ୍ଠୁରେ ଭୀଷଣ ଯନ୍ତ୍ରଣା ହେବା ଆରମ୍ଭ ହେଲା । ଯଦ୍ଦ୍ୱାରା ଚଳପ୍ରଚଳ କରିବା ତାଙ୍କ ପକ୍ଷେ କଷ୍ଟସାଧ୍ୟ ହୋଇଗଲା । ଡ଼ାକ୍ତରମାନେ ତାଙ୍କୁ ଅପରେସନ୍ କରିବାର ପରାମର୍ଶ ଦେଲେ କିନ୍ତୁ ତାହାକୁ ସେ ସ୍ୱୀକାର କଲେ ନାହିଁ । ବରଂ ଅତି ବ୍ୟାକୁଳ ଓ କୋହ ପୂର୍ଣ୍ଣତାର ସହିତ ଦରଦ ଭରା ଦୁଆ କରୁଥିଲେ । ସେ କୁହନ୍ତି; ଦିନେ ରାତିରେ ମୁଁ ସ୍ୱପ୍ନରେ ଦେଖିଲି ହଜରତ ମସିହ ମଉଦ[ଅ.ସ] ଆସିଛନ୍ତି ଏବଂ ବେହସ୍ତି ମକ୍‌ବରାର କିଛି ଚେରମୂଳୀ (ମୋତେ) ସେବନ କରାଇଲେ । ସେଥିଅନ୍ତେ ଧୀରେ ଧୀରେ ଆଣ୍ଠୁର ଯନ୍ତ୍ରଣା ପଶମିତ ହୋଇଗଲା ଏବଂ ନିଜ ଅଭିଳାଷ ମୁତାବକ ନିୟମିତ ରୂପେ ମସଜିଦ୍ ମୁବାରକ୍ ଓ ଅକ୍‌ସା ଆସିବା ଆରମ୍ଭ କରିଦେଲେ । ଖିଲାଫତ୍ ସହିତ ଅଗାଢ଼ ପ୍ରେମ ଓ ଅନୁରାଗ ରହିଥିଲା । ଖେଳକୁଦ ପ୍ରତି ବିଶେଷ ଆଗ୍ରହ ଓ ରୁଚି ରହିଥିଲା ଯଦ୍ଦ୍ୱାରା ଯୁବପିଢ଼ି ସହିତ ତାଙ୍କର ଏକ ବିଶେଷ ସମ୍ପର୍କ ଗଢ଼ି ଉଠିଥିଲା । ସୁତରାଂ ପଡ଼ିଆକୁ ଆସି ପ୍ରତିଯୋଗୀତା ମାନଙ୍କରେ ଉପସ୍ଥିତ ରହି ଖେଳାଳୀମାନଙ୍କୁ ଉତ୍ସାହିତ କରୁଥିଲେ । ଏପରି ପିଲାମାନଙ୍କର ଓ ଯୁବପିଢ଼ିଙ୍କର ତରବିୟତ୍ ମଧ୍ୟ ହୋଇଯାଉଥିଲା ।

ହଜରତ ମୁସଲେହ୍ ମଉଦ [ର.ଅ]ଙ୍କ ନିର୍ଦ୍ଦେଶକ୍ରମେ ଭାରତ ଓ ପାକିସ୍ତାନ ବିଭାଜନ ସମୟରେ ମାତ୍ର ୩୧୩ଜଣ ଦରବେଶ୍ କାଦିୟାନ୍‌ରେ ରହିଯାଇ ଥିଲେ । ସେମାନଙ୍କ ମଧ୍ୟରେ ଆପଣ ଶେଷ ଦରବେଶ୍ ଥିଲେ ଯାହାଙ୍କର ଦେହାନ୍ତ ଘଟିଲା । ଏବେ କାଦିୟାନ୍‌ରେ ଆଉ କେହି ଦରବେଶ୍ ଜୀବିତ ନାହାନ୍ତି । ଏଥର ଅର୍ଥାତ ଚଳିତ ବର୍ଷ କାଦିୟାନର ବାର୍ଷିକ ଧର୍ମସମ୍ମିଳନୀ ବିନା କୌଣସି ଦରବେଶ୍ ବ୍ୟତୀତ ଅନୁଷ୍ଠିତ ହେଉଅଛି । ଆଉ ଆଜି ତାହା ଆରମ୍ଭ ହେଉଅଛି । ଏବେ କାଦିୟାନ୍‌ରେ ବାସ କରୁଥିବା ନୂତନ ପିଢ଼ିଙ୍କର କର୍ତ୍ତବ୍ୟ ଯେ, ସେମାନେ ନିଜ ଗୁରୁଜନମାନଙ୍କର ତ୍ୟାଗ, ବଳିଦାନ ଓ ଉତ୍ତମ ଆଚାର ବ୍ୟବହାରକୁ ଜୀବିତ ରଖନ୍ତୁ ଏବଂ ବିଶ୍ୱସ୍ତତା ଓ ନିଷ୍ଠାର ସହିତ କାଦିୟାନ୍‌ରେ ରହି ଜୀବନ ଅତିବାହିତ କରନ୍ତୁ । ଅଲ୍ଲାଃତାଲା ସେମାନଙ୍କୁ ଏଥିନିମନ୍ତେ ଶକ୍ତି ପ୍ରଦାନ କରନ୍ତୁ ।

ଏହିପରି ପ୍ରିୟ ହୁଜୁର ଅନଓ୍ୱର[ଅ.ବ] ଶ୍ରୀମାନ ମିର୍ଜା ମୁହମ୍ମଦ ଦିନ୍ ସାହେବ (ସଦର ଅଞ୍ଜୁମନ୍ ଅହେମଦିୟା) ଏବଂ ଶ୍ରୀମାନ ଅକମୁରାତ୍ ଖାଇଫ୍ ସାହେବ (ତୁରକମାନିସ୍ତାନ ଜମାତ୍‌ର ଜାତୀୟ ସଦର୍)ଙ୍କର ମଧ୍ୟ ଉତ୍ତମ ଚରିତ୍ର ଚର୍ଚ୍ଚା କଲେ । ସେଥିଅନ୍ତେ ପ୍ରତ୍ୟେକ ତିନିଜଣ ମୃତକଙ୍କର ନମାଜ ଜନାଯାଃ ଗାଏବ୍ ପାଠ କରିବାର ଘୋଷଣା କଲେ ଏବଂ ବୈକୁଣ୍ଠରେ ମୃତକଙ୍କର ସ୍ତର ଉର୍ଦ୍ଧ୍ୱଗାମୀ ହେବା ନିମନ୍ତେ ଦୁଆ କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

27th December 2024

*Translated to Odia by :* Moulavi Anwar Ahmad Khan